
୭୬ତମ
ଜିଲ୍ଲାସ୍ତରୀୟ ସ୍ୱାଧୀନତା
ସମାରୋହ
ଅନୁଗୋଳ
ସତ୍यमेव जयते


ଜିଲ୍ଲାସ୍ତରୀୟ ସ୍ୱାଧୀନ
ସମାରୋହ



## ପ୍ରେସ ନୋଟ୍

# ଜିଲ୍ଲା ସ୍ତରୀୟ ୭୬ତମ ସ୍ୱାଧିନତା ଦିବସ ପାଳିତ

Celebration of District level 76th Independence Day.

ଅନୁଗୋଳ ୧୬.୮ :- ଜିଲ୍ଲା ସ୍ତରୀୟ ୭୬ ତମ ସ୍ୱାଧିନତା ଦିବସ ସମାରୋହ ଗତକାଲି ଅନୁଗୋଳରେ ପାଳିତ ହୋଇଯାଇଛି । ଅନୁଗୋଳ ଷ୍ଟାଡିୟମ ଠାରେ ଆୟୋଜିତ ଉତ୍ସବରେ ଓଡିଶାର ମାନ୍ୟବର ମହିଳା ଓ ଶିଶୁ ବିକାଶ ଏବଂ ମିଶନଶକ୍ତି ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିର୍ଦ୍ଧାରିତ ସମୟ ସକାଳ ୯ଘଟିକା ୧୫ ମିନିଟ୍‌ରେ ଜାତୀୟ ପତାକା ଉତ୍ତୋଳନ କରି ଅଭିଭାଷଣ ପ୍ରଦାନ କରିଥିଲେ । ଦୀର୍ଘ ଦିନର ପରାଧିନତାର ଶୃଖଳରୁ ମୁକ୍ତ ହେବାର ୭୫ ବର୍ଷ ସ୍ମୃତି ଓ ଅନୁଭୁତିକୁ ନେଇ ଦେଶବ୍ୟାପି ପାଳନ କରାଯାଉଥିବା ଆଜାଦି କା ଅମୃତ ମହୋତ୍ସବ ଚଳିତ ବର୍ଷ ସ୍ୱାଧୀନତା ଦିବସକୁ ଅଧିକ ଗରୀଆନ କରିଛି । ଭାରତର ସ୍ୱାଧିନତା ସଂଗ୍ରାମୀ ତଥା ଏ ମାଟିର ବରପୁତ୍ରମାନଙ୍କ ନିଷ୍ଠା ଓ ତ୍ୟାଗପୃତ ବଳିଦାନ ପାଇଁ ସେମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସ୍ୱାଧୀନତାର ୭୫ ବର୍ଷର ପୂର୍ତ୍ତୀ ଉତ୍ସବରେ ସମଗ୍ର ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛି । ଦେଶ ପାଇଁ ପ୍ରାଣବଳୀ ଦେଇଥିବା ଅଗଣିତ ସ୍ୱାଧୀନତା ସଂଗ୍ରାମୀ ଯେଉଁମାନଂକର ସମ୍ପର୍କରେ ଇତିହାସରେ ସବିଶେଷ ଲିପିବଦ୍ଧ ହୋଇ ରଖାଯାଇପାରିନାହିଁ ସେମାନଂକ ସମ୍ପର୍କରେ ଜାଣିବା ଓ ସେମାନଂକୁ ଶ୍ରଦ୍ଧା ଓ ସମ୍ମାନର ସହିତ ଶ୍ରଦ୍ଧାଞ୍ଜଳୀ ଜଣାଇବା ଏହି ମହୋତ୍ସବର ମହାନ ଉଦ୍ଦେଶ୍ୟ ବୋଲି ମୁଖ୍ୟ ଅତି ଥି ପ୍ରକାଶ କରିଥିଲେ । ଜାତିର ଜନକ ମହାତ୍ମାଗାନ୍ଧୀ ,ନେତାଜୀ ସୁବାସ ଚନ୍ଦ୍ର ବୋଷ,ପଣ୍ଡିତ ଜବାହାରଲାଲ ନେହେରୁ ,ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ,ମୌଲାନ ଆବୁଲ କାଲାମ ଆଜାଦଙ୍କ ଭଳି ଅନେକ ଜନ ନେତା ସ୍ୱାଧୀନତା ସଂଗ୍ରାମୀଙ୍କ ସମେତ ଓଡିଶାର ଅଦ୍ୱିତୀୟ ଜନନାୟକ ଉତ୍କଳ ଗୌରବ ମଧୁସୁଦନ ଦାସ,ଉତ୍କଳମଣୀ ଗୋପବନ୍ଧୁ ଦାସ,ଡ.ହରେକୃଷ୍ଣ ମହତାବ,ବିଶ୍ୱନାଥ ଦାସ, ଶହିଦ ଲକ୍ଷ୍ମଣ ନାୟକ,ବୀର ସୁରେନ୍ଦ୍ର ସାଏ ଓ ମାଳତୀ ଚୌଧୁରୀ ପ୍ରମୁଖଙ୍କ ନିସ୍ୱାର୍ଥପର ସଂଗ୍ରାମ ଓ ତ୍ୟାଗ ପରାଧିନତାର ଶୃଖଳରୁ ଆମ ଦେଶକୁ ମୁକ୍ତ କରିଥିବାରୁ ସେମାନଂକୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଅନୁଗୋଳର ସତ୍ୟାଗ୍ରହୀ ରତ୍ନାକର ନାୟକ,ରସାନନ୍ଦ ବେହେରା,ହୃଷୀକେଷ ପ୍ରଧାନ ପ୍ରମୁଖ ଲବଣ ସତ୍ୟାଗ୍ରହରେ କାରାବରଣ କରିଥିଲେ । ୧୯୩୪ ମସିହାରେ ମାହାତ୍ମାଗାନ୍ଧୀଙ୍କର ଅନୁଗୋଳରେ ପଦଯାତ୍ରା ଏ ମାଟିକୁ ଧନ୍ୟ ମନେ କରିଛି । ବିଶିଷ୍ଟ ଜନନାୟକ ପବିତ୍ର ମୋହନ ପ୍ରଧାନ, ସାରଙ୍ଗଧର ଦାସ, ହୃଷୀକେଷ ତ୍ରିପାଠୀ,ଅଦୈତ ପ୍ରସାଦ ସିଂହ,ସୋମନାଥ ସିଂ ଜଗଦେବ ,ସାରଙ୍ଗଧର ଦାସଙ୍କ ସମେତ କବି ରାଧାମୋହନ ଗଡନାୟକଙ୍କ ସ୍ମୃତିଚାରଣ କରିଥିଲେ । ମହାନ ସର୍ବୋଦୟ ନେତା, ତ୍ୟାଗ ଓ ସେବାର ମୂର୍ତ୍ତୀମନ୍ତ ପ୍ରତୀକ ନବକୃଷ୍ଣ ଚୌଧୁରୀ ଓ ତାଂକର ସହଧର୍ମିଣୀ ମାଳତୀ ଦେବୀ ଅନୁଗୋଳକୁ ନିଜର କର୍ମଭୂମୀ ଭାବରେ ଆଦରି ନେଇ ଏ ମାଟିକୁ ଗୌରବାନ୍ୱିତ କରିଛନ୍ତି । ଅନୁଗୋଳର ପବିତ୍ର ମାଟି ସଂଗ୍ରାମର ମାଟି । ବିଶିଷ୍ଟ ଜନନାୟକ

ପବିତ୍ର ମୋହନ ପ୍ରଧାନଂକ ନେତୃତ୍ୱରେ ସଂଗଠିତ ପ୍ରଜାମଣ୍ଡଳ ଆନ୍ଦୋଳନ ଏବଂ ଗଡଜାତ ମିଶ୍ରଣରେ ଅନୁଗୋଳବାସୀଂକ ସକ୍ରିୟ ସହଯୋଗ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ମହାନ ସର୍ବୋଦୟ ନେତା, ତ୍ୟାଗ ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ ନବକୃଷ୍ଣ ଚୌଧୁରୀ ଓ ତାଂକର ସହଧର୍ମିଣୀ ମାଳତୀ ଦେବୀ ଅନୁଗୋଳକୁ ନିଜର କର୍ମଭୂମୀ ଭାବରେ ଆଦରି ନେଇ ଏ ମାଟିକୁ ଗୌରବାନ୍ୱିତ କରିଛନ୍ତି । ଆମ ରାଜ୍ୟ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଦେଶର ବିକାଶ ସହିତ ତାଳ ଦେଇ ବିକାଶର ପଥରେ ଆଗକୁ ବଢୁଛି । ଆମ ରାଜ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ବିକାଶର ଧାରା ଜାରି ରହିଛି । ରାଜ୍ୟରେ ମହିଳା,ଶିଶୁ,ଯୁବ ବର୍ଗ, କ୍ରୀଡାବିତ୍, କୃଷକ, ନିର୍ମାଣ ଶ୍ରମିକ, ଜନଜାତି ତଥା ବୟସ୍କ ଏବଂ ଅସହାୟମାନଂକ ଜୀବନଜିବିକାରେ ଆଖିଦୃଶିଆ ପରିବର୍ତ୍ତନ ଆଣିବାରେ ଉଦ୍ଦିଷ୍ଟ ଯୋଜନାଗୁଡିକ ଅନ୍ୟ ରାଜ୍ୟମାନଂକ ଦ୍ୱାରା ଅନୁକରଣୀୟ ହୋଇ ପାରିଛି । ସର୍ବେକ୍ଷଣ ଆଧାରରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଭାରତ ବର୍ଷରେ ମୁଖ୍ୟମନ୍ତ୍ରୀମାନଂକ ମଧ୍ୟରେ ଲୋକପ୍ରିୟତାରେ ଶିର୍ଷ ସ୍ଥାନ ଅଧିକାର କରିଛନ୍ତି । ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ ହେଲଥ କାର୍ଡ ପ୍ରଣୟନ ଦ୍ୱାରା ରାଜ୍ୟରେ ୯୬ ଲକ୍ଷ ହିତାଧିକାରୀ ଉପକୃତ ହୋଇପାରୁଛନ୍ତି । କୃଷି କ୍ଷେତ୍ରକୁ ଜଳସେଚନ ସୁବିଧା, ସମନ୍ୱିତ କୃଷି ପରିଚାଳନା ଫଳରେ ଆମ ରାଜ୍ୟ ଏବେ ଫସଲ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ସହିତ ଖାଦ୍ୟ ଶସ୍ୟ ବଳକା ରାଜ୍ୟରେ ପରିଣତ ହୋଇପାରିଛି । କୃଷି ଓ କୃଷକଙ୍କ ସଶକ୍ତିକରଣ ପାଇଁ ବିନା ସୁଧରେ ୧ ଲକ୍ଷ ଟଂକା ପର୍ଯ୍ୟନ୍ତ କୃଷି ଋଣ ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ରାଜ୍ୟର ୩୨ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ । ମୋ ସ୍କୁଲ ଅଭିଯାନ ରାଜ୍ୟର ୩୧୪ ବ୍ଲକରେ କାର୍ଯ୍ୟକାରୀ ହୋଇ ସମସ୍ତ ଗ୍ରାମ ପଞ୍ଚାୟତ ସ୍ତରରେ ଥିବା ସ୍କୁଲ ଗୁଡିକରେ ଉଭୟ ଶିକ୍ଷା ଓ ଭିତ୍ତିଭୂମୀ କ୍ଷେତ୍ରରେ ଆଖିଦୃଶିଆ ପରିବର୍ତ୍ତନ ଆଣିଛି । 5-ଟି ଉପକ୍ରମ ଆଧାରରେ ରାଜ୍ୟରେ ୩ ହଜାର ୯୮୧ରୁ ଉର୍ଦ୍ଧ ହାଇସ୍କୁଲଗୁଡିକରେ ରୁପାନ୍ତରିକରଣ ପ୍ରକ୍ରିୟା ଜାରି ରହିଛି । ଆଗାମୀ ଦିନରେ ଆଉ ୪୮୦୦ ସ୍କୁଲ ରୁପାନ୍ତରିକରଣ ପାଇଁ ସରକାର ପଦକ୍ଷେପ ନେଇଛନ୍ତି । ରାଜ୍ୟ ସରକାରଂକ ମିଶନଶକ୍ତି ଜରିଆରେ ରାଜ୍ୟରେ ୭୦ ଲକ୍ଷ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଂକୁ ଆର୍ଥିକ ସ୍ୱାବଲମ୍ବୀ କରାଇ ସେମାନଂକର ଆର୍ଥିକ ମାନଦଣ୍ଡକୁ ସୁଦୃଢ କରାଇବା ପାଇଁ ସେମାନଂକୁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ସାମିଲ କରାଯାଇଛି । କୋଭିଡ ମୁକାବିଲା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ମିଶନଶକ୍ତି ସଦସ୍ୟା, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ କୋଭିଡ ଯୋଦ୍ଧାମାନଂକୁ ମୁଖ୍ୟ ଅତିଥି ସମ୍ମାନ ଜଣାଇଥିଲେ । ଜାଗା ମିଶନ ଯୋଜନାରେ ବସ୍ତି ବାସିନ୍ଦାଙ୍କ ପାଇଁ ପାନୀୟ ଜଳ,ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇ ବାସପୋଯୋଗୀ ଆଦର୍ଶ ବସତି ସ୍ଥାପନ କରାଯାଉଛି । ଯୁବକ ଯୁବତୀମାନଂକର ଦକ୍ଷତା ବିକାଶରେ ସ୍କିଲଡ ଇନ୍ ଓଡିଶା ବ୍ରାଣ୍ଡ ଭାବରେ ପରିଚିତ କରି ନିଯୁକ୍ତି ସୁଯୋଗକୁ ଲକ୍ଷ୍ୟ ରଖି ରାଜ୍ୟ ସରକାର

ସେମାନଂକୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ଶିଳ୍ପ କ୍ଷେତ୍ରରେ ଅଧିକରୁ ଅଧିକ ପୁଞ୍ଜି ନିବେଶ ନିମନ୍ତେ ଆହ୍ୱାନ କରି ଶିଳ୍ପର ଅଭିବୃଦ୍ଧି ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । କ୍ରୀଡା କ୍ଷେତ୍ରରେ ବିକାଶ ପାଇଁ ରାଜ୍ୟ ସରକାର ଭିତ୍ତିଭୂମିକୁ ପ୍ରାଥମିକତା ଦେଉଛନ୍ତି । ଆସନ୍ତା ୨୦୨୩ ପୁରୁଷ ବିଶ୍ୱ କପ୍ ହକି ଆୟୋଜନ ଓଡିଶା ପାଇଁ ଗର୍ବର ବିଷୟ । ୧୨୦ କୋଟି ଟଂକା ବ୍ୟୟରେ ରାଉରକେଲାରେ ନିର୍ମିତ ହେଉଛି ଦେଶର ସର୍ବବୃହତ ବିର୍ସାମୁଣ୍ଡା ହକି ଷ୍ଟାଡିୟମ । ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡିଶା ଦେଶରେ ଏକ ମଡେଲ ରାଜ୍ୟ ହୋଇଛି । ଓଡିଶାର ବିପର୍ଯ୍ୟୟ ପରିଚାଳନା ନୀତିକୁ ମିଳିତ ଜାତିସଂଘ ପ୍ରଶଂସା କରିବା ସହ ଅନ୍ୟ ରାଜ୍ୟ ତଥା ଦେଶ ପାଇଁ ଅନୁକରଣୀୟ ହୋଇଛି । ପ୍ରକୃତିର ଅପରୁପ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଅନୁଗୋଳ ଜିଲ୍ଲା ସାହିତ୍ୟ,ସଂସ୍କୃତି ସହିତ ଜୈବ ବିବିଧତା ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଶରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ପୂର୍ବ ଓ ପଶ୍ଚିମ ଓଡିଶା ସଂସ୍କୃତିର ମହାମିଳନ ସହିତ ଓଡିଶାର ସାଂସ୍କୃତିକ କେନ୍ଦ୍ରସ୍ଥଳ ହେଉଛି ଅନୁଗୋଳ ଜିଲ୍ଲା । ଶୈଳଶ୍ରୀକ୍ଷେତ୍ର,ମା ବୁଢୀ ଠାକୁରାଣୀ, ସାତକୋଶିଆ ଅଭୟାରଣ୍ୟ, ଭୀମକାଣ୍ଡ, ଦୀପଶିଖା, ହିଙ୍ଗୁଳାପିଠ, ଦେଉଳଝରୀ, ମାହେଶ୍ୱରୀମନ୍ଦିର, ଲୋଭିଠାକୁରାଣୀ ପୀଠ,ତାଳଚେର ରାଜବାଟୀ,ଗାନ୍ଧୀ ସ୍ମୃତି ପୀଠ ଆଦି ପର୍ଯ୍ୟଟନ ସ୍ଥଳୀ ନିମନ୍ତେ ଅନୁଗୋଳ ଜିଲ୍ଲା ସ୍ୱତନ୍ତ୍ର ପରିଚିତି ଲାଭ କରିଛି । ନାଲ୍‌କୋ,ମହାନଦୀ କୋଲ ଫିଲଡ୍ ଲିଃ, ଏନ୍ ଟି ପି ସି ଆଦି ଶିଳ୍ପ ସଂସ୍ଥା ଅନେକ ନିଯୁକ୍ତି ସୃଷ୍ଟି କରିବା ସହ ରାଜ୍ୟ ତଥା ଦେଶର ଅର୍ଥନିତୀକୁ ସମୃଦ୍ଧ କରିବାରେ ପ୍ରମୁଖ ଭୁମିକା ଗ୍ରହଣ କରିଛି । ସ୍ୱାଧିନତା ଦିବସ ପାଳନ ଅବସରରେ ଗତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା,ସି.ବି.ଏସ.ଇ ଓ ଆଇ.ସି.ଏସ.ଇ ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ମାନଂକୁ ଜିଲ୍ଲା ପ୍ରଶାସନ ଓ ପତଂଜଳି ଯୋଗ ସମିତି ତରଫରୁ ପୁରସ୍କୃତ କରାଯାଇଥିଲା । ଚଳିତ ବର୍ଷ କୋଭିଡ ନିୟମକୁ ଦୃଷ୍ଟିରେ ରଖି ଉତ୍ସବ ସ୍ଥଳକୁ ଛାତ୍ର ଛାତ୍ରୀମାନଂକୁ ବାରଣ କରାଯାଇଥିଲା । ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଂକ ପୁରସ୍କାର ଓ ପ୍ରମାଣପତ୍ରକୁ ସେମାନଂକ ବିଦ୍ୟାଳୟକୁ ପଠାଇଦିଆଯାଇଛି । ଚଳିତ ବର୍ଷ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାରଂକ କୋଭିଡ ନିୟମାବଳୀ ଆଧାରରେ ସ୍ୱାଧିନତା ଦିବସର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରଠାରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ । ବ୍ଲଡ ବ୍ୟାଙ୍କ ଓ ପତଞ୍ଜଳୀ ଯୋଗ ସମିତି ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ୬୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଂକୁ ଫଳ ବଣ୍ଟନ କରିବା ସହ ସେମାନଂକ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ । ହୋମ ଗାର୍ଡ ତରଫରୁ ଏକ ପ୍ଲାଟୁନ୍, ଜିଲ୍ଲା ପୋଲିସ ତରଫରୁ ଗୋଟିଏ ପ୍ଲାଟୁନ ଓ ଗୋଟିଏ ବ୍ୟାଣ୍ଡ ପାର୍ଟି ପଡିଆରେ ଜାତୀୟ ପତାକା ଉତ୍ତୋଳନ ସମୟରେ ଜାତୀୟ ସଙ୍ଗୀତ ପରିବେଷଣ କରିବା ସହ ଜାତୀୟ ପତାକାକୁ